# ଆଇସିଏଆଇର ୫୫ତମ ଜାତୀୟ କଷ୍ଟ୍‌କନ୍‌ଭେନ୍‌ସନ୍ ୨୦୧୪

ଭୁବନେଶ୍ୱର : ଭାରତୀୟ ଅର୍ଥନୀତିର ଉତ୍ତରୋତ୍ତର ଉନ୍ନତି ପାଇଁ କଷ୍ଟ୍ ଓ ମୂଲ୍ୟାଙ୍କନର ପ୍ରତିଯୋଗିତା ଏବଂ ଦାୟିତ୍ୱସମ୍ପନ୍ନ ପରିଚାଳନା ଅଭ୍ୟାସ ନିହାତି ଜରୁରୀ ବୋଲି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ୍ ଆକାଉଣ୍ଟାଣ୍ଟ ଅଫ୍ ଇଣ୍ଡିଆର ସଭାପତି କଷ୍ଟ୍ ଓ ମ୍ୟାନେଜ୍‌ମେଣ୍ଟ ଆକାଉଣ୍ଟାଣ୍ଟ ସୁରେଶ ଚନ୍ଦ୍ର ମହାନ୍ତି ବ୍ୟକ୍ତ କରିଛନ୍ତି । ଫେବୃଆରୀ ୨୩ ଓ ୨୪ ଦୁଇଦିନ ଧରି ୫୫ତମ ଜାତୀୟ କର୍ମଶାଳା ଭୁବନେଶ୍ୱରରେ କଷ୍ଟ୍ ଓ ମୂଲ୍ୟାଙ୍କନର ପ୍ରତିଯୋଗିତା ଏବଂ ଦାୟିତ୍ୱବାନ ପରିଚାଳନା ଦ୍ୱାରା ଜାତୀୟ ଉନ୍ନତି ଶୀର୍ଷକ ବିଷୟ ଉପରେ ଆଲୋଚନା ହେବ । ଉପରୋକ୍ତ ସମ୍ମିଳନୀରେ ମାନ୍ୟବର ରେଭେନ୍ୟୁ ଏବଂ ଡିଜାଷ୍ଟାର ମ୍ୟାନେଜ୍‌ମେଣ୍ଟ ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟନାରାୟଣ ପାତ୍ର, ପ୍ରଫେସର ଡ. ବୈଷ୍ଣବ ଚରଣ ତ୍ରିପାଠୀ, ଭାଇସ୍ ଚ୍ୟାନ୍‌ସେଲର, ରେଭେନ୍ସା ୟୁନିର୍ଭସିଟି, ପଦ୍ମଭୂଷଣ ସିଏମ୍ଏ ଡ. ମୃତ୍ୟୁଞ୍ଜୟ ଆର୍ଥେୟା, ଶ୍ରୀଯୁକ୍ତ ଅନ୍‌ସୁମାନ୍ ଦାଶ, ସିଏମ୍‌ଡି ନାଲ୍‌କୋ, ଶ୍ରୀ ରମାବଲ୍ଲଭ ମିଶ୍ର, ସିଏମ୍‌ଡି, ଏଚ୍.ଇ.ସି, ଶ୍ରୀ ଏସ୍. ମଧୁସୂଦନ ସିଏମଡି ଭ୍ୟାଇଜାକ୍ ଷ୍ଟିଲ୍‌ପ୍ଲାଣ୍ଟ ଏବଂ ସିଏମ୍ଏଜି ଶ୍ରୀନିବାସନ୍ ସିଏମ୍‌ଡି, ନିୟୁ ଇଣ୍ଡିଆ ଇନ୍ସୁରାନ୍ସ କଂପାନୀ ଲିମିଟେଡ୍ ଏବଂ ଅନ୍ୟାନ୍ୟ ଉଚ୍ଚପଦପଦବୀରେ ଅବସ୍ଥାପିତ ପ୍ରବକ୍ତାମାନେ ଯୋଗଦେବାର ଅଛି । ବୈଷୟିକ କମିଟିର ଅଧ୍ୟକ୍ଷ ଓ ମ୍ୟାନେଜମେଣ୍ଟ ଆକାଉଣ୍ଟାଣ୍ଟ ଏମ୍. ଗୋପାଲକ୍ରିଷ୍ଣନ୍ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ । ଶ୍ରୀଯୁକ୍ତ ମହାନ୍ତି କହିଛନ୍ତି ଯେ, ଏହି ଇନ୍‌ଷ୍ଟିଚ୍ୟୁଟ୍ ସରକାର, ଶିଳ୍ପ ଓ ଶିକ୍ଷାଭିତ୍ତିକ ଅନୁଷ୍ଠାନମାନଙ୍କର ସହଯୋଗିତାରେ ଶିକ୍ଷା ଓ ଗବେଷଣାର ବିଭିନ୍ନ ଦିଗକୁ ନେଇ ଶିଳ୍ପ ଓ ଅନ୍ୟାନ୍ୟ ବ୍ୟବସାୟିକ ସଂସ୍ଥାମାନଙ୍କ ପାଇଁ ଦିଗ୍‌ଦର୍ଶନ ନିମନ୍ତେ କାର୍ଯ୍ୟ କରୁଅଛି । ଜାତୀୟ ଉତ୍ପାଦନ ବୃଦ୍ଧି ନିମିତ୍ତ ଦରକାର ଥିବା ସମସ୍ତ ବୈଷୟିକ ତଥ୍ୟ ତଥା ଜ୍ଞାନକୌଶଳ ଏହି କଷ୍ଟ୍ ସୂଚନା ମାଧ୍ୟମରେ ମିଳିଥାଏ ଓ ଏହା ମାଧ୍ୟମରେ ସରକାର ଓ ଟାରିଫ୍ କମିଶନ ସୁବିଚାର କରନ୍ତି । ଜାତୀୟ ସ୍ୱେଚ୍ଛାମୂଳକ ପରିପ୍ରକାଶ ନୀତି, ଅର୍ଥନୈତିକ, ସାମାଜିକ ଦାୟିତ୍ୱମୂଳକ ଦାୟିତ୍ୱ ପାଇଁ କଷ୍ଟ୍ ସୂଚନା ବହୁମାତ୍ରାରେ ସାହାଯ୍ୟ କରେ । ଆଇସିଏଆଇର ୫୫ତମ ଜାତୀୟ କଷ୍ଟ୍ କନ୍‌ଭେନ୍‌ସନ୍-୨୦୧୪ ସମାରୋହ ଅବସରରେ ସଭାପତି ଶ୍ରୀ ମହାନ୍ତି, କେନ୍ଦ୍ର ସରକାରଙ୍କର କର୍ପୋରେଟ୍ ବ୍ୟାପାର ତଥା ଅନ୍ୟାନ୍ୟ ବିଭାଗ, ଶିକ୍ଷାନୁଷ୍ଠାନ ସମୂହ, ପଦସ୍ଥ ସରକାରୀ କର୍ମକର୍ତ୍ତା, ଇନ୍‌ଷ୍ଟିଚ୍ୟୁଟ୍ ସଦସ୍ୟବୃନ୍ଦ, ସମ୍ବାଦ ସରବରାହ ସଂସ୍ଥା ତଥା ସେମାନଙ୍କର ପ୍ରତିନିଧିମାନଙ୍କ ସାହାଯ୍ୟ ଓ ସହଯୋଗ ପାଇଁ ଆନ୍ତରିକ କୃତଜ୍ଞତା ଜ୍ଞାପନ କରିଛନ୍ତି ଏବଂ ଆଶା ରଖିଛନ୍ତି ଯେ ଏହି ସମ୍ମିଳନୀ ଏକ ମହାନ୍ ସ୍ମୃତି ହୋଇରହିବ ।